web -

# केन्द्रीय माध्यमिक शिक्षा बोर्ड

# Central Board of Secondary Education

टिप्पणी एवं आदेश /Notes & Orders

**MOST URGENT**

AEO(DR)/ACAD./2011 Date: 28.06.2011

**Sub.: Sample Question Papers for class IX & X Ist Term (April – Sept. 2011) for the academic year 2011-12.**

Please find the following enclosed SQPs for class IX & X for Summative Assessment for first term (September 2011) to put on CBSE website **by scanning/E-mail as per the approval of Hon'ble Chairman, CBSE:**

**By scanning**

| | | | | |
|---|---|---|---|---|
| 1. | Odia | Class IX | -SA I | one set |
| | | Class X | -SA I | one set |

An early action please.

(E. DANIEL RAJU)
AEO(DR)

**Encl.: As above**

**JS(IT) ROD**

SET-I

# SAMPLE QUESTION PAPER FOR SUMMATIVE ASSESSMENT – I (2011-12)
## CLASS – IX
## SUBJECT – ODIA (013)

**Time Allowed : 3 Hours** **Maximum Marks : 90**

**ସୂଚନା :-**

ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ (Reading) - 10 Marks

(ଖ) ଲିଖନ (Writing) - 20 Marks

(ଗ) ବ୍ୟାକରଣ (Grammar) - 15 Marks

(ଘ) ସାହିତ୍ୟ (Literature) - 45 Marks

**'କ' ବିଭାଗ / Section – 'A'** **(10 Marks)**

**Q.1)** ନିମ୍ନଲିଖିତ ଅନୁଚ୍ଛେଦଟି ପଢ଼ି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । **(2 x 5 = 10)**

ସାମାଜିକ ବିଶୃଙ୍ଖଳା ଆଜି ଆମ ଆଗରେ ଏକ ବଡ଼ ସମସ୍ୟାରୂପେ ଦଣ୍ଡାୟମାନ । ଏଥିପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକମାନେ ଶଙ୍କିତ ହୋଇ ପଡ଼ିଛନ୍ତି । କୌଣସି ସମସ୍ୟାର ସମାଧାନର ପଥ ନଖୋଜି ବିବ୍ରତ ହେବା ଅନୁଚିତ । ଏ ପ୍ରକାର ବିଶୃଙ୍ଖଳା ପାଇଁ କୌଣସି ଗୋଟିଏ ଗୋଷ୍ଠୀକୁ ଦାୟୀ କରାଯାଇନପାରେ । ଏହାର ଅଙ୍କୁରୋଦ୍‌ଗମ ବେଳରୁ ଆମେ ସବୁଦେଖି କିଛି ନଦେଖିଲାପରି ଚୁପ୍ ରହିଥାଉ । ନେଡ଼ିଗୁଡ଼ କହୁଣୀକୁ ବୋହିଗଲା ପରେ ପାଟି ଖୋଲୁ । କେତେକ ପାଟି ଖୋଲନ୍ତି – ସମାଧାନର ମାର୍ଗ ନିର୍ଦ୍ଦେଶ କରି, ଆଉ କେତେକ ଆତ୍ମପ୍ରଚାର ପାଇଁ । ଦ୍ୱିତୀୟ ବର୍ଗର ଉଦ୍ଦେଶ୍ୟ ନିଶ୍ଚିତଭାବେ ସମାଜଗଠନର ପରିପନ୍ଥୀ । ଏବେ ସାମାଜିକ ବିଧିବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ ପରମ୍ପରା ଏବଂ ନୈତିକ ମାନଦଣ୍ଡର ଦୃଷ୍ଟାନ୍ତ ମିଳେ ନାହିଁ । ଫଳରେ ଯାହାକୁ ଯାହା ଭଲ ଲାଗିଲା, ସେ ତାହାକୁ ସୁକର୍ମ ଭାବି କରିଚାଲୁଛି । ଏମାନଙ୍କୁ ବିରୋଧ କରିବାର ସାହସ ମଧ୍ୟ ସମସ୍ତଙ୍କ ପାଖରେ ନାହିଁ । ଫଳରେ ସାମାଜିକ ଜୀବନ ବିପର୍ଯ୍ୟସ୍ତ ହୋଇ ପଡୁଛି । ଏଥିପାଇଁ ଆମକୁ ବେଳହୁଁ ସାବଧାନ ହେବାକୁ ପଡ଼ିବ ।

ପ୍ରଶ୍ନ :-

(କ) ଆମ ଆଗରେ କେଉଁ ସାମାଜିକ ସମସ୍ୟା ଦଣ୍ଡାୟମାନ ହୋଇଛି ?

(ଖ) ଆମେ ବିବ୍ରତ ନହେବା ପାଇଁ କାହିଁକି କୁହାଯାଇଛି ?

(ଗ) ସାମାଜିକ ବିଶୃଙ୍ଖଳା ପାଇଁ କିଏ ଦାୟୀ ?

(ଘ) କେଉଁମାନେ ସମାଜଗଠନର ପରିପନ୍ଥୀ ?

(ଙ) ଏକ ସୁସ୍ଥସମାଜ ଗଠନ କରିବା ପାଇଁ ଆମକୁ କ'ଣ କରିବାକୁ ପଡ଼ିବ ?

## 'ଖ' ବିଭାଗ / Section – 'B' (20 Marks)

**Q.2)** ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । **(12)**

(କ) ଭାରତୀୟ ଗଣତନ୍ତ୍ର

(ଖ) ଦେଶଗଠନରେ ଛାତ୍ରର ଭୂମିକା

(ଗ) ବୃକ୍ଷ ହିଁ ସମ୍ପଦ

**Q.3)** ତୁମ ଅଞ୍ଚଳରେ ଏକ ଅଜଣା ରୋଗ ବ୍ୟାପିଛି, ପ୍ରତିକାର ପାଇଁ ସଂପୃକ୍ତ ବିଭାଗର ଉଚ୍ଚକର୍ମକର୍ତ୍ତାଙ୍କ ପାଖକୁ ଦରଖାସ୍ତ ଲେଖ ।

କିମ୍ବା **(8)**

କୌଣସି ଅସାମାଜିକ ଲୋକ ତୁମ ଗ୍ରାମର ସର୍ବସାଧାରଣ ରାସ୍ତାକୁ ଜବରଦଖଲରେ ରଖିଛି, ସେଥିରୁ ରକ୍ଷା ପାଇବା ପାଇଁ ସ୍ଥାନୀୟ ପୋଲିସ୍‌କୁ ଜଣାଇ ଏକ ଦରଖାସ୍ତ ଲେଖ ।

## 'ଗ' ବିଭାଗ / Section – 'C' (15 Marks)

**Q.4)** (କ) ସନ୍ଧିବିଚ୍ଛେଦ କର । (ଯେକୌଣସି ୫ଟି) **(5)**

ଶଶାଙ୍କ, କଟୂକ୍ତି, ମହେଶ୍ୱର, ବନୌଷଧ, ପୁନରୁକ୍ତି, ଆଶୀର୍ବାଦ, ନମସ୍କାର

(ଖ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (ଯେକୌଣସି ୫ଟି) **(5)**

ଅପେକ୍ଷା, ଅନାବିଳ, ଆବାହନ, ବିତୃଷ୍ଣ, ଶୂନ୍ୟ, ସ୍ୱତନ୍ତ୍ର, ବିପଦ

(ଗ) ଗଠନରୀତି ଦର୍ଶାଅ । (ଯେକୌଣସି ୫ଟି) **(5)**

ପାଠକ, ପାନ, ଗଣନା, ଲୋଭ, ଗତ, ଲୀନ, ଲଗ୍ନ

## 'ଘ' ବିଭାଗ / Section – 'D' (45 Marks)

**Q.5)** ପ୍ରକୃତଶିକ୍ଷାର ସ୍ୱରୂପ ସଂପର୍କରେ ଲେଖ ।

କିମ୍ବା **(10)**

ଆଧୁନିକଯୁଗରେ ବିଶ୍ୱଭ୍ରାତୃତ୍ୱର ଆବଶ୍ୟକତା ସଂପର୍କରେ ଆଲୋଚନା କର ।

**Q.6)** ସପ୍ରସଙ୍ଗ ସରଳାର୍ଥ ଲେଖ । **(5)**

ସୃଷ୍ଟି ପ୍ରକ୍ରିୟା ହିଁ ତ୍ୟାଗନୀତି ଉପରେ ପ୍ରତିଷ୍ଠିତ ।

କିମ୍ବା

ଏଥିପାଇଁ ପ୍ରତ୍ୟେକ ଦେଶ ବା ଜାତିର ହୃଦୟ ପରିବର୍ତ୍ତନ ଆବଶ୍ୟକ ।

**Q.7)** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ୩ଟି) **(2 x 3 = 6)**

(କ) ଶିକ୍ଷକମାନଙ୍କର କେଉଁ ଦିଗରେ ବିଶେଷ ଦୃଷ୍ଟି ରହିବା ଆବଶ୍ୟକ ?

(ଖ) ବିଦ୍ୟାଳୟ ପ୍ରକୃତ ଶିକ୍ଷାଳୟ ହେବ କିପରି ?

(ଗ) ବିଶ୍ୱପ୍ରେମ କାହା ଉପରେ ପ୍ରତିଷ୍ଠିତ ?

(ଘ) ଇଉରୋପୀୟ ଜାତିମାନଙ୍କର କି କି ଭଲ ଗୁଣ ଅଛି ?

(ଙ) ପୃଥିବୀ ଏକ ବିରାଟ ସଂଗ୍ରାମଭୂମି କାହିଁକି ?

**Q.8)** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର, ଦିଆଯାଇଥିବା ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । **(1 x 4 = 4)**

(କ) ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ନିମିତ୍ତ କିଏ ପ୍ରଚେଷ୍ଟା ଚଳାଇଛି ?

a) ସରକାର b) ମିଳିତ ଜାତିସଂଘ

c) ସେବାଶ୍ରମ d) ଯୋଗୀଋଷି

(ଖ) ସୃଷ୍ଟିର କେଉଁ ଧର୍ମ ଆମ୍ଭମାନଙ୍କ ଜୀବନରେ ପ୍ରତିଫଳିତ ହେବା ଉଚିତ ?

a) ଭୋଗ b) ଇଶ୍ୱରବିଶ୍ୱାସ

c) ତ୍ୟାଗ d) ଆତ୍ମବିଶ୍ୱାସ

(ଗ) ଥରେ ବାରକେନ୍‌ହେଡ୍ ନାମକ ଏକ ଜାହାଜ ପ୍ରାଚ୍ୟଦେଶରୁ କେଉଁଠିକୁ ଫେରୁଥିଲା ?

a) ଆମେରିକା b) ସିଙ୍ଗାପୁର

c) ଚୀନ୍ d) ଇଉରୋପ

(ଘ) କେଉଁ ଶିକ୍ଷା କେବଳ ଦ୍ୱାର ସ୍ୱରୂପ ?

a) ଯନ୍ତ୍ରବିଦ୍ୟା b) ବିଦେଶରେ ଲବ୍ଧ ବିଦ୍ୟା

c) ସ୍ୱଅର୍ଜିତ ବିଦ୍ୟା d) ପୁସ୍ତକଗତ ବିଦ୍ୟା

**Q.9)** ସପ୍ରସଙ୍ଗ ସରଳାର୍ଥ ଲେଖ । **(5)**

ଧନ ମାନ ଜନ ଯାହା ଉପାର୍ଜନ
କରିଅଛ ଧରା ତଳେ,
ହରଷିତ ମନେ କରତବ୍ୟ ଜ୍ଞାନେ
ଆଣିଦିଅ ଯଜ୍ଞସ୍ଥଳେ ।

କିମ୍ବା

ବିଷ୍ଣୁର ମାୟାବଳେ ଯନ୍ତ୍ରୀ
ପାଳନ୍ତି କପୋତ କପଟୀ ।

**Q.10)** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ୩ଟି) **(2 x 3 = 6)**

(କ) ବ୍ରାହ୍ମଣ କୁକୁରଟିକୁ କାହିଁକି ମାରିଲା ?

(ଖ) କିଏ କପୋତପକ୍ଷୀକୁ ଗୁରୁ କରିଥିଲେ ?

(ଗ) କେଉଁମାନେ ନିମିଷେ ସାଙ୍ଗ ଛାଡ଼ନ୍ତି ନାହିଁ ?

(ଘ) କେଉଁଠାରେ କବି ମାତାଙ୍କ ପଦଚିହ୍ନ ଦେଖିଛନ୍ତି ?

(ଙ) ଉତ୍କଳଜନନୀ ଭୂମଧ୍ୟବାସୀ ହୋଇଛନ୍ତି କାହିଁକି ?

**Q.11)** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର, ଦିଆଯାଇଥିବା ଉତ୍ତର ପର୍ଯ୍ୟାୟରୁ ବାଛି ଲେଖ । **(1 x 4 = 4)**

(କ) ବୀରପ୍ରସବିନୀ କିଏ ?

a) ଭାରତମାତା b) ଉତ୍କଳଜନନୀ

c) ସୀତାଦେବୀ d) ଉତ୍କଳବାସୀ

(ଖ) ତୃଷ୍ଣାରେ କାତର ହୋଇ କିଏ ଗଗନକୁ ଚାହିଁଥାଏ ?

a) କୃଷକ b) ମରୁପଥିକ

c) ଚାତକ d) ଜନନୀ

(ଗ) କିଏ ନିଜର ପୁତ୍ର ଓ ପତ୍ନୀଙ୍କୁ ହରାଇ ଦୁଃଖ ଭୋଗ କଲା ?

a) ଗୁରୁ b) କପୋତ

c) ଧର୍ମ d) ବିଧି

(ଘ) କାହାକୁ ଧରି ଆଣିବା ପାଇଁ ଶ୍ରୀରାମଚନ୍ଦ୍ର ଆଦେଶ ଦେଲେ ?

a) ବିପ୍ରକୁ b) କୁକୁରକୁ

c) ଦ୍ୱାରପାଳକୁ d) ମନ୍ତ୍ରୀକୁ

**Q.12)** ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । **(5)**

(କ) ଚାକିରି ସମୟରେ ହରିସିଂହ କିପରି ଜୀବନଯାପନ କରୁଥିଲେ ?

(ଖ) ବାଙ୍କାକୁ କିଭଳି ଭାବରେ ତାଲିମ ଦିଆଯାଇଥିଲା ?

(ଗ) ସୁନାବୋହୂ କହିବାର ତାତ୍ପର୍ଯ୍ୟ କ'ଣ ?

°○ ☺ ○°

SET-I

# SAMPLE QUESTION PAPER FOR SUMMATIVE ASSESSMENT - I
## (2011 - 2012)
## STD. - X
## SUB. - ODIA

**013/1**

Time Allowed - 3 Hours Maximum Marks - 80

<u>ସୂଚନା</u> :-

ଏହି ପ୍ରଶ୍ନପତ୍ରରେ ଯଥାକ୍ରମେ ଚାରୋଟି ବିଭାଗ ରହିଛି ।

| | | | | | | |
|---|---|---|---|---|---|---|
| (କ) | ପଠନ | - | Reading | - | 10 Marks |
| (ଖ) | ଲିଖନ | - | Writing | - | 15 Marks |
| (ଗ) | ବ୍ୟାକରଣ | - | Grammar | - | 15 Marks |
| (ଘ) | ସାହିତ୍ୟ | - | Literature | - | 40 Marks |

<u>'କ' ବିଭାଗ / Section - 'A' (10 Marks)</u>

୧. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପାଠକରି ପ୍ରଶ୍ନଗୁଡିକର ଉତ୍ତର ଦିଅ । (୨x୫=୧୦)

10

ପୁରାଣ ସାହିତ୍ୟ ଆଲୋଚନା ପ୍ରସଙ୍ଗରେ ଭାଗବତରେ ଅଭିଶପ୍ତ ପରୀକ୍ଷିତ ମହାରାଜାଙ୍କ ମୋକ୍ଷ ପ୍ରସଙ୍ଗ ପ୍ରଥମେ ସମ୍ମୁଖକୁ ଆସେ । ହସ୍ତିନାରେ ଅଧିପତି ହେଉଛନ୍ତି ମହାରାଜ ପରୀକ୍ଷିତ । ସେ ହେଉଛନ୍ତି ପାଣ୍ଡବ ବଂଶର ଶେଷ ରଶ୍ମି, ଅଭିମନ୍ୟୁଙ୍କର ପୁତ୍ର । ମୃଗୟା ଉଦ୍ଦେଶ୍ୟରେ ଘୋର ବନାନୀରେ ଭ୍ରମଣ କରୁଥିବା ବେଳେ ତୃଷାର୍ତ୍ତ ହୋଇ ତପସ୍ୟାରତ ମୁନିଙ୍କୁ ସେ ଜଳ ପାଇଁ ନିବେଦନ କରିଥିଲେ । ମାତ୍ର ତପସ୍ୱୀ ତାଙ୍କୁ ଜଳଦାନ ନକରିବାରୁ ସେ କ୍ରୋଧରେ ତପସ୍ୱୀଙ୍କ ଗ୍ରୀବା ଦେଶରେ ଏକ ମୃତ ସର୍ପ ଲମ୍ବାଇ ଦେଇଥିଲେ । ଏହା ଦେଖି ଋଷିପୁତ୍ର ଶୃଙ୍ଗୀ ମହାରାଜ ପରୀକ୍ଷିତଙ୍କୁ ସାତଦିନ ମଧ୍ୟରେ ତକ୍ଷକ ଦଂଶନ କରିବା ପାଇଁ ଅଭିଶାପ ଦେଇଥିଲେ । ଏଥିରେ ମହାରାଜା ପରୀକ୍ଷିତ ଭୀଷଣ ଭାବରେ ଭାଙ୍ଗି ପଡିଥିଲେ ଓ ରାଜ୍ୟ ତ୍ୟାଗକରି ଗଙ୍ଗା କୂଳରେ ଋଷିମାନଙ୍କ ଗହଣରେ ରହି ଜୀବନର ଶେଷ ମୁହୂର୍ତ୍ତରେ ଭାଗବତର ପବିତ୍ର ଧ୍ୱନି ଶ୍ରବଣ କରିଥିଲେ । ଶୁକଦେବ ଭାଗବତ ପାଠ କରୁଥିଲେ ଓ ଭାଗବତ ପାଠ ସମୟରେ ପରୀକ୍ଷିତଙ୍କ ମନରେ ଯେଉଁ ଜିଜ୍ଞାସା ଓ ସଂଶୟ ଆସୁଥିଲା, ତାକୁ ଶୁକଦେବ ସମାଧାନ କରୁଥିଲେ ।

ପ୍ରଶ୍ନାବଳୀ -
(i) ପାଣ୍ଡବ ବଂଶର ଶେଷ ରଶ୍ମି କିଏ ?
(ii) ତାଙ୍କର ପିତାଙ୍କ ନାମ କ'ଣ ?
(iii) ସେ କେଉଁ ରାଜ୍ୟର ଅଧିପତି ଥିଲେ ?
(iv) ଋଷିକୁମାରଙ୍କର ନାମ କ'ଣ ?
(v) କେଉଁ ନଦୀ କୂଳରେ ପରୀକ୍ଷିତ ଋଷିମାନଙ୍କ ଗହଣରେ ଶେଷ ମୁହୂର୍ତ୍ତରେ ଭାଗବତ ଶ୍ରବଣ କରିଥିଲେ ?

‘ଖ’ ବିଭାଗ / Section - ‘B’ (15 Marks)

୨. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । (୧୦) 10

(କ) ଉତ୍କଳର ଶ୍ରେଷ୍ଠ ସଂପଦ ଶ୍ରୀଜଗନ୍ନାଥ

(ଖ) ମାତୃଭାଷା ଉନ୍ନତିରେ ବ୍ୟକ୍ତିର ଉନ୍ନତି

(ଗ) ପର୍ବପର୍ବାଣି ଓ ସମାଜ ଉପରେ ତାର ପ୍ରଭାବ

୩. ତୁମ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି, ଏହାର ନିରାକରଣ ପାଇଁ ଥାନା ଅଧିକାରୀଙ୍କ ନିକଟକୁ ଏକ ଦରଖାସ୍ତ ଲେଖ । (୫) 5

**କିମ୍ବା**

ତୁମ ବଡଭଉଣୀର ବାହାଘର ଭୋଜି ନିମନ୍ତେ ଅତ୍ୟାବଶ୍ୟକୀୟ ଜିନିଷପତ୍ର ଯୋଗାଇ ଦେବାକୁ ଅନୁରୋଧ କରି ତୁମ ଅଞ୍ଚଳର ଏକ ପ୍ରତିଷ୍ଠିତ ବ୍ୟବସାୟ ପ୍ରତିଷ୍ଠାନକୁ ଏକ ପତ୍ର ଲେଖ ।

‘ଗ’ ବିଭାଗ / Section - ‘C’ (15 Marks)

୪. (କ) ସନ୍ଧି ବିଚ୍ଛେଦ କର । (ଯେ କୌଣସି ୪ଟିର) (୪) 4

ସଂଲଗ୍ନ, ପୁନରପି, ସ୍ୱର୍ଗତ, ଉଜ୍ଜ୍ୱଳ, ସଂଶୋଧନ, ମନୋରମ

(ଖ) ଭ୍ରମ ସଂଶୋଧନ କର । (ଯେ କୌଣସି ୪ଟିର) (୪) 4

ଯାତାୟତ, ଶିକାର, ସ୍ୱାଧିନତା, ଲଜ୍ୟା, ଭୌଗଳିକ, ପ୍ରତେକ

(ଗ) ବାକ୍ୟ ପରିବର୍ତ୍ତନ କର । (ଯେ କୌଣସି ୪ଟିର) (୪) 4

(i) ରାମଚନ୍ଦ୍ର ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କଲେ । (ଯୌଗିକ ବାକ୍ୟ କର)

(ii) ଶିକ୍ଷକ ରମେଶକୁ ଅନେକ ବୁଝାଇଲେ, ତଥାପି ସେ ମିଛ କହିଲା । (ସରଳ ବାକ୍ୟ କର)

(iii) ସହରକୁ ଯେଉଁ ସର୍କସ ଆସିଛି, ସେଥିରେ ପଶୁମାନେ ଅନେକ ଆଶ୍ଚର୍ଯ୍ୟଜନକ ଖେଳ ଦେଖାଉଛନ୍ତି । (ସରଳ ବାକ୍ୟ କର)

(iv) ଉତ୍ସାହୀ ଲୋକ ନିଶ୍ଚୟ ସଫଳ ହୁଏ । (ଜଟିଳ ବାକ୍ୟ କର)

(v) ଅବିଶ୍ୱାସୀକୁ ବିଶ୍ୱାସ କଲ, ତେଣୁ ବିପଦରେ ପଡିଲ । (ଜଟିଳ ବାକ୍ୟ କର)

(vi) ଯେଉଁ ଛାତ୍ରଟି ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛି, ସେ ମୋ ଭାଇ । (ସରଳ ବାକ୍ୟ କର)

(ଘ) ବିଶେଷ ଅର୍ଥରେ ବାକ୍ୟରେ ବ୍ୟବହାର କର । (ଯେ କୌଣସି ୩ଟିର) (୩) 3

ଗୋବର ଗଣେଶ, ଗୋଡ ତଳେ ନ ଲାଗିବା, ଘଣ୍ଟ ଘୋଡାଇବା, ଛାତି ପଥର କରିବା, ଛେନାରୁ ଗ୍ରେପା ଛଡାଇବା ।

‘ଘ’ ବିଭାଗ / Section - ‘D’ (40 Marks)

୫. ଉଚ୍ଚାଭିଳାଷ କିପରି ମନୁଷ୍ୟର ରୂପାନ୍ତର ଘଟାଏ – ପଠିତ ପ୍ରବନ୍ଧକୁ ଭିତ୍ତିକରି ଆଲୋଚନା କର । (୭) 7

**କିମ୍ବା**

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ ହିଁ ତ୍ୟାଗ ଓ ବଳିଦାନର ଇତିହାସ – ଉକ୍ତିର ସତ୍ୟତା ପଠିତ ପ୍ରବନ୍ଧ ଅବଲମ୍ବନରେ ପ୍ରତିପାଦନ କର ।

୬. ସପ୍ରସଙ୍ଗ ସରଳାର୍ଥ ଲେଖ । (୫)
5

ମୋର ପ୍ରାଣପାତ ବ୍ୟର୍ଥ ହୋଇ ଯାଇ ନାହିଁ

**କିମ୍ବା**

ରିକ୍ତ ଅଭିମାନ ଅନାବଶ୍ୟକ, କିନ୍ତୁ ରଚିତ ଅଭିମାନ ମନୁଷ୍ୟକୁ ଉଦାହରଣର ଆଦର୍ଶରେ ଅନୁପ୍ରାଣିତ କରେ ।

୭. ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡିକର ସଠିକ୍ ଉତ୍ତରଟି ବାଛି ଲେଖ । (୧x୧୦=୧୦)
10

(i) 'ବରେଣ୍ୟ' ବୋଲି କାହାକୁ କୁହାଯାଏ ?
   (i) ଯେଉଁମାନେ ପୂଜ୍ୟ ବା ବରଣୀୟ (ii) ଯେଉଁମାନେ ଖୁବ୍ ଧନୀ
   (iii) ଯେଉଁମାନଙ୍କୁ ସମସ୍ତେ ଭୟ କରନ୍ତି (iv) ଯାହାକୁ ଘୃଣା କରାଯାଏ

(ii) 'ଝଙ୍କାର' ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା କିଏ ?
   (i) ଶକୁନ୍ତଳା ପଣ୍ଡା (ii) କ୍ଷେତ୍ରବାସୀ ନାୟକ
   (iii) ହରେକୃଷ୍ଣ ମହତାବ (iv) ବୀଣାପାଣି ମହାନ୍ତି

(iii) ପଞ୍ଚତନ୍ତର କିଏ ଲେଖିଥିଲେ ?
   (i) ବ୍ୟାସ ଦେବ (ii) ବିଷ୍ଣୁ ଶର୍ମା (iii) ଜଗନ୍ନାଥ ଦାସ (iv) ଭକ୍ତଚରଣ ଦାସ

(iv) ସମାଜରେ "ସିମ୍ପସନ୍" ଙ୍କର ପରିଚୟ କଣ ?
   (i) ନେତ୍ରୀ (ii) ଅଭିନେତ୍ରୀ (iii) ଲେଖିକା (iv) ଜଣେ ପରିତ୍ୟକ୍ତା ମହିଳା

(v) ବିଧାତା ଆମ୍ଭମାନଙ୍କ ବେତନର କେତେକାଂଶ ସ୍ୱହସ୍ତରେ ରଖିଦିଅନ୍ତି । କାରଣ -
   (i) ନିଜର ଅର୍ଥ ଲାଳସା ପାଇଁ
   (ii) ନିଜର ବ୍ୟବସାୟରେ ଲଗାଇବା ପାଇଁ
   (iii) ସମାଜସେବା ଉଦ୍ଦେଶ୍ୟରେ
   (iv) କାଳେ ଆମ୍ଭେମାନେ କାର୍ଯ୍ୟ ପରିତ୍ୟାଗ କରିଯିବୁ ଅଥବା ନିରୁଦ୍ୟମ ହେବୁ

(vi) ଆପଣମାନେ ମୋତେ ଚିହ୍ନି ପାରୁଛନ୍ତି ? - ନାଟକରେ ଏ ଉକ୍ତିଟି କିଏ କହିଥିଲେ ?
   (i) ନାଥୁରାମ ଗଡ୍‌ସେ (ii) ଖୁଦୀରାମ (iii) ମଙ୍ଗଳପାଣ୍ଡେ (iv) ଭଗତ୍ ସିଂ

(vii) ସମ୍ମୁଖରେ ଯୁଦ୍ଧର ଘନଘଟା ଦେଖି ମହାଭାରତ ଯୁଦ୍ଧରେ କିଏ ବିଷଣ୍ଣ ହୋଇ ବସି ପଡିଥିଲେ ?
   (i) ଦୁର୍ଯ୍ୟୋଧନ (ii) କର୍ଣ୍ଣ (iii) ଜୟଦ୍ରଥ (iv) ଅର୍ଜ୍ଜୁନ

(viii) ଥିଏଟର ହଲରେ କେଉଁ ନାଟକ ପ୍ରଦର୍ଶିତ ହୋଇଥିଲା ?
   (i) ବାବାଜୀ (ii) ତଟ ନିରଞ୍ଜନା (iii) ଯୁଗେ ଯୁଗେ ଭାରତ (iv) ଭାତ

(ix) ପ୍ରତିଟି ମଣିଷର ଉଚିତ୍ ଅଭିମାନ ରହିବା ଉଚିତ୍ । କାରଣ
   (i) ଏହା ମଣିଷକୁ ବିପଦଗାମୀ କରାଏ
   (ii) ମଣିଷକୁ ଅହଂକାରୀ ସଜାଏ
   (iii) ଏହା ମଣିଷକୁ ଉଦାରତାର ଆଦର୍ଶରେ ଅନୁପ୍ରାଣିତକରେ
   (iv) ମଣିଷ ମନରେ ବିଷ ଭରିଦିଏ

(x) 'ଖୁଦୀରାମ' କେତେବର୍ଷ ବୟସରେ ଫାଶୀ ପାଇଥିଲେ ?
   (i) ୨୦ (ii) ୩୦ (iii) ୧୯ (iv) ୨୯

୮. ସପ୍ରସଙ୍ଗ ସରଳାର୍ଥ ଲେଖ । (୫)

ସତ୍ୟପଣେ ସଂସାରତୁ ଜିଣିଲୁ ସମସ୍ତ
ପାଷାଣେ ନଲାଗଇ ଯେହ୍ନେ ଜଳଂକର ଘାତ

**କିମ୍ବା**

ଫଳଦାନେ ମୋକ୍ଷ ଫଳ ଲଭିଲା ଶବରୀ

୯. ପ୍ରତ୍ୟେକ ପ୍ରଶ୍ନତଳେ ଦିଆଯାଇଥିବା ଉତ୍ତରମାନଙ୍କ ମଧ୍ୟରୁ ସଠିକ୍ ଉତ୍ତରଟି ବାଛିଲେଖ । (୧x୮=୮)

(i) ସୁରପତି ଯୁଧିଷ୍ଠିରଙ୍କୁ କେଉଁଠାକୁ ଯିବା ପାଇଁ କହିଲେ ?

(i) ହସ୍ତିନାପୁର (ii) ସ୍ୱର୍ଗପୁର (iii) ନର୍କପୁର (iv) ପାତାଳପୁର

(ii) ସୀତାଙ୍କର ଆଉ ଏକ ନାମ ବୈଦେହୀ, କାରଣ -

(i) ତାଙ୍କର ଦେହ ନ ଥିଲା (ii) ସେ ବିଦେଶିନୀ କନ୍ୟା
(iii) ସେ ବିଦେହର ରାଜକନ୍ୟା (iv) ସେ ବିଶେଷ ଦେହ ଧାରିଣୀ କନ୍ୟା

(iii) 'ହୈମବନ୍ତ' କହିଲେ କେଉଁ ପର୍ବତକୁ ବୁଝାଏ ?

(i) ହିମାଳୟ (ii) ବିନ୍ଧ୍ୟ (iii) ଗନ୍ଧମାର୍ଦ୍ଦନ (iv) ଆରାବଳି

(iv) ଶ୍ରୀରାମଙ୍କର ଆଉ ଏକ ନାମ ରାଜୀବ ଲୋଚନ, କାରଣ -

(i) ସେ ପଦ୍ମଫୁଲକୁ ଖୁବ୍ ଭଲ ପାଆନ୍ତି (ii) ତାଙ୍କର ନୟନ ପଦ୍ମଫୁଲ ପରି
(iii) ସେ ପଦ୍ମବନରେ ବାସ କରନ୍ତି (iv) ସେ ଭକ୍ତମାନଙ୍କୁ ପଦ୍ମଫୁଲ ପ୍ରଦାନ କରନ୍ତି

(v) ଚନ୍ଦ୍ରଭାନୁ କେଉଁ ରାଜ୍ୟର ରାଜପୁତ୍ର ?

(i) କର୍ଣ୍ଣାଟ (ii) ସିଂହଳ (iii) ବିଦର୍ଭ (iv) ହସ୍ତିନା

(vi) ଧର୍ମରୂପକ ପୋତ କିଏ ଗଢ଼ିଛନ୍ତି ?

(i) ଛାତ୍ର ସମାଜ (ii) ସରକାର (iii) ବିଧି (iv) ଗ୍ରାମବାସୀ

(vii) କେଉଁ କବି କବିବର ଉପାଧିରେ ଭୂଷିତ ?

(i) ଦୀନକୃଷ୍ଣ ଦାସ (ii) ଭକ୍ତଚରଣ ଦାସ
(iii) ରାଧାନାଥ ରାୟ (iv) ବିଶ୍ୱନାଥ ଖୁଣ୍ଟିଆ

(viii) ରଘୁବୀର ବର୍ଷାକାଳ କେଉଁଠାରେ କାଟିଲେ ?

(i) ଦଣ୍ଡକାରଣ୍ୟରେ (ii) ମାଲ୍ୟବନ୍ତରେ
(iii) ପଞ୍ଚବଟୀରେ (iv) ଚିତ୍ରକୂଟରେ

୧୦. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ । (୫)

(i) ଅଶୋକଙ୍କର ମନ ପରିବର୍ତ୍ତନ ହେଲା କିପରି ?

(ii) କୋକେଇରେ ଶବ ମଶାଣୀକି ଗଲାପରେ ଗୋପୀନାଥ ଘରକୁ ଫେରି କ'ଣ ଦେଖିଲେ ?

(iii) ସଭାରେ ଭାଷଣ ନ ଦେବା ପାଇଁ ଗାନ୍ଧିଜୀ ସ୍ଥିର କଲେ କାହିଁକି ?

* * *